

"ଯାହାକୁ ଭଲ ପାଉଛ ତା'ଠାରୁ ପ୍ରତିବଦଳରେ କିଛି ଆଶା କର ନାହିଁ। ଅନ୍ୟକୁ ଭଲ ପାଇବା ତୁମର ସ୍ୱଭାବ ହେଉ। ପାପୀ, ତାପୀ, ଦୁଃଖୀ, ଦରିଦ୍ରକୁ ଭଲ ପାଅ। ନିଜକୁ ଭୁଲି ଅନ୍ୟର ସେବାକର, ଭଗବାନ ତୁମକୁ କୋଳେଇ ନେବେ।

- ଶ୍ରୀ ନିଗମାନନ୍ଦ



## ସଂକ୍ଷେପରେ



### ଲଙ୍କାପୁଟ, ଅନକାଡେଲିରେ ପିଠା କାର୍ଯ୍ୟକ୍ରମ

**କୋରାପୁଟ,୧୬।୧୨(ସ୍ୱ.ପ୍ର.):** କୋରାପୁଟ ସଦର ବ୍ଲକ ଲଙ୍କାପୁଟ ପଞ୍ଚାୟତ ଓ ଲମତାପୁଟ ବ୍ଲକ ଅନକାଡେଲି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲଙ୍କାପୁଟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ଭାବେ ନୂତନ ଭାବେ ଚିହ୍ନଟ କଳାକାର, ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବାଣ୍ଟିଥିଲେ। ଏଥିରେ ସ୍ଥାନୀୟ ନେତା ଭାଗିରଥି ପାଟନିଆ ଓ ବାବୁଲା ବେନିଆ ଉପସ୍ଥିତ ଥିଲେ । ସେହିପରି ଅନକାଡେଲିରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ପକ୍ଷରୁ ଦୁର୍ଯ୍ୟୋଧନ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ କୁସୁମ ପଟ୍ଟନାୟକ, ପିଇଓ ଗୌରହରି ରାଓ, ସରପଞ୍ଚ ଜଗନ୍ନାଥ ହନ୍ତାଳ, ପିଏସ୍ଏନ୍ ମୂର୍ତ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ୨୦ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ଓ ୧୧ ଜଣ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

### ସପ୍ତାହକ ପରେ ଭାଙ୍ଗିଲା ଆମରଣ ଅନଶନ



**କୋରାପୁଟ/ଅନକାଡେଲି, ୧୬।୧୨(ସ୍ୱ.ପ୍ର.)** ଅନକାଡେଲି ସ୍ଥିତ ମାଛକୁଣ୍ଡ ପ୍ରକଳ୍ପ ଡିଭିଜନାଲ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୫ ଦଫା ଦାବି ନେଇ ଶିକ୍ଷିତ ଯୁବକ ସଂଘ ୭ ଦିନ ହେଲା ଯେଉଁ ଆମରଣ ଅନଶନ ଚଳାଇଥିଲା, ସେଥିରୁ ଓହରିଛି। ପ୍ରଶାସନ ଓ ପ୍ରକଳ୍ପ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆମରଣ ଅନଶନ ଭାଙ୍ଗିଛି। କିନ୍ତୁ ଧାରଣା ପୂର୍ବ ଭଳି ଚାଲିବ ବୋଲି ସଂଘ ସଭାପତି ଅମର ପାଣିଗ୍ରାହୀ କହିଛନ୍ତି। ରବିବାର ଲମତାପୁଟ ବିଡିଓ ସୌମ୍ୟ ସାର୍ଥକ ମିଶ୍ର ଓ ପ୍ରକଳ୍ପ ଡିଭିଜନାଲ ଇଞ୍ଜିନିୟର ଜେ. ସତ୍ୟନାରାୟଣ ଅନକାଡେଲିରେ ଚାଲିଥିବା ଧାରଣାସ୍ଥଳରେ ପହଞ୍ଚିଥିଲେ। ଧାରଣାରତ ଯୁବକ ସଂଘ ସହ ଆଲୋଚନା ବେଳେ ସେମାନେ କହିଥିଲେ ଯେ, ଅନକାଡେଲି ସ୍ଥିତ ଓଏଚ୍‌ପିସିର ୨ ଜଣ ଓ ଏପିଜେନକୋର ୩ ଜଣଙ୍କୁ ନେଇ ଏକ ପ୍ରତିନିଧି ଦଳ ସହ ବିସ୍ତୃତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ଏଭଳି ଲିଖିତ ପ୍ରତିଶ୍ରୁତି ସହ ଦୁଇ ଅଧିକାରୀ ଧାରଣାରତ ଯୁବକଙ୍କୁ ଫଳରସ ପିଆଇ ସେମାନଙ୍କ ଅନଶନ ଭାଙ୍ଗିଛନ୍ତି।

### ବାଇକ୍ ଦୁର୍ଘଟଣା, ୫ ଆହତ

**ନନ୍ଦପୁର,୧୬।୧୨(ଡି.ଏନ୍.ଏ.):** ନନ୍ଦପୁର ବ୍ଲକ ଖିଲୁଆ ଛକ ନିକଟରେ ରବିବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ପାଞ୍ଚ ଜଣ ଆହତ ହୋଇଛନ୍ତି। ସନ୍ଧ୍ୟା ୬ଟାରେ ମାଲି ବେଲଗାଁ ପଞ୍ଚାୟତର ଖତ ଗୌଡ଼ପଟ ଗ୍ରାମର ଭୀମ ଖିଲ (୨୫) ଓ ଶେଖର ଖିଲ (୨୫) ହିରୋ ଗ୍ଲାମର (ଓଡି ୧୦ ଏଫ୍ ୦୯୩୧)ରେ ଗାଁକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଖମରି ଗ୍ରାମର ସୁକୁ ଗୋଲରୀଙ୍କ ହିରୋ ସ୍ପ୍ଲେଣ୍ଡର (ଓଡି ୧୦ ବି ୮୪୫୩) ସହ ଧକ୍କା ହୋଇଥିଲା। ବାଇକ୍‌ରେ ସୁକୁଙ୍କ ସହ ତାଙ୍କ ସ୍ତ୍ରୀ ପାନ ଗୋଲରୀ ଓ ଭଉଣୀ ମଙ୍ଗଳି ଦୋରା ବସିଥିଲେ। ଦୁର୍ଘଟଣା ଖବର ପାଇ ଅଗ୍ନିଶମ କର୍ମଚାରୀ ଏବଂ ନନ୍ଦପୁର ପୋଲିସ ଏଏସ୍ଆଇ ପ୍ରଦୀପ ନାୟକ, ଜେ.କେ. ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୁକୁ ଓ ପାନଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଛି। ପୋଲିସ ମାମଲା ରୁଜୁ ସହ ଦୁର୍ଘଟଣାଗ୍ରସ୍ତ ୨ଟି ବାଇକ୍ ଜବତ କରିଛି।

# ବର୍ଷା ଦେଖି ଧାନ କିଣିବାକୁ ପ୍ରଶାସନ ତତ୍ପର

**କୁନ୍ଦୁରା,୧୬।୧୨(ଡି.ଏନ୍.ଏ.)**

ଗୋଟିଏ ପଟେ ପେଥାଇ ଆଗମନରେ ବର୍ଷା, ଅନ୍ୟପଟେ ଧାନ ସାଇତିବାକୁ ଚାଷୀଙ୍କ ଚିନ୍ତା। ଏହାରି ଭିତରେ ଗତ ନଭେମ୍ବର ମାସରୁ ମଣ୍ଡିଖୋଲି ଚୁପ୍ ବସିଥିବା ପ୍ରଶାସନ ରବିବାର ଧାନ କିଣିବାକୁ ବେଶ୍ ତତ୍ପରତା ଦେଖାଇଛି। ଆଜି ଡଙ୍ଗରପାଉଁସୀ ମଣ୍ଡିରେ ଧାନ କିଣିବା ପାଇଁ ପ୍ରଶାସନ ମିଲର୍ସଙ୍କ ସହାୟତାରେ ପ୍ରସ୍ତୁତି ଚଳାଇଛି। ଏତେଦିନ ବିତିଯାଇଥିଲେ ମଧ୍ୟ ଧାନ ନ କିଣି ବର୍ତ୍ତମାନ ପ୍ରଶାସନ ତରବରିଆ ଭାବେ କିଣିବାକୁ ପ୍ରୟାସ କରି ଚାଷୀଙ୍କୁ ବର୍ଷା , ଜାଡ଼ରେ ହଇରାଣ ହରକତ କରୁଛି ବୋଲି କୃଷକ କଲ୍ୟାଣ ମଞ୍ଚ ଅଭିଯୋଗ କରିଛି।

ପ୍ରଶାସନ ଏବଂ ମିଲର୍ସ ମାଲିକଙ୍କ ଭିତିରି ବୁଝାମଣା ଯୋଗୁ ଖରିଫ ଋତୁରେ ୫ ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ଗଦା ହୋଇଥିବାବେଳେ ପେଥାଇ ବାତ୍ୟା ପ୍ରଭାବରେ ବର୍ଷା ଆଗମନକୁ ଚାଷୀଙ୍କ ଚିନ୍ତା ବଢ଼ାଇଦେଇଛି। କେତେବେଳେ ଏଫ୍ଏକ୍ୟୁ ମାନ ଆଳ ତ ଆଉ କେତେବେଳେ କାଟ୍‌ରେ ଚାଷୀଙ୍କ ଧାନ କିଣା ଯାଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଜାରି ରହିଛି। ବର୍ଷା ହୋଇଥିବାରୁ ଚାଷୀଙ୍କୁ ନିୟନ୍ତ୍ରିତ ବଜାର କମିଟି ତରଫରୁ ପଲିଥିନ ଯୋଗାଇ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ରବିବାରରେ ମଧ୍ୟ ଡଙ୍ଗରିପାଉଁସୀ ମଣ୍ଡିରୁ ଧାନ କିପରି ଉଠିବ ସେନେଇ ପ୍ରଶାସନ ଉପସ୍ଥିତରେ ମିଲର୍ସମାନେ ପ୍ରସ୍ତୁତି ଚଳାଇଛନ୍ତି। ଯେଉଁମାନେ ମଣ୍ଡିକୁ ଧାନ ନ ନେଇ ଖଳାରେ ଧାନ ରଖିଥିଲେ , ସେମାନେ କିପରି ଧାନ ସାଇତିବା ନେଇ ଚିନ୍ତାରେ ଅଛନ୍ତି। କେହି କେହି ଚାଷୀ ବର୍ଷା ଏବଂ ଜାଡ଼ ନ ମାନି ମଣ୍ଡିକୁ ଧାନ ନେଉଛନ୍ତି। ଏ ସମୟରେ ପ୍ରଶାସନ ତରବର ନ ହୋଇ ପୂର୍ବରୁ ଧାନ କିଣିବାକୁ ଆଗ୍ରହ ଦେଖାଇଥିଲେ ଭଲ ହୋଇଥାନ୍ତା ବୋଲି କୃଷକ କଲ୍ୟାଣ ମଞ୍ଚ କହିଛି।

**ତଥାପି ସରୁନି ଚାଷୀଙ୍କ ଦୁଃଖ**



ମଣ୍ଡିରେ ଧାନ ଘୋଡ଼ାଉଛନ୍ତି ଚାଷୀ।




■ ୧୮ରେ ଅବିଭକ୍ତ କୋରାପୁଟରେ ୧୨ ଘଣ୍ଟିଆ ବନ୍ଦ

# ରାଜନୈତିକ ଦଳ ଏକାଠି, ୨୯ ସଙ୍ଗଠନର ସମର୍ଥନ

**ଜୟପୁର/କୋରାପୁଟ,୧୬।୧୨ (ଡି.ଏନ୍.ଏ./ନି.ପ୍ର./ସ୍ୱ.ପ୍ର.)**

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି**

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଆନ୍ଦୋଳନ ଯେତିକି ତେଜୁଛି, ସବୁ ରାଜନୈତିକ ଦଳ ଓ ବିଭିନ୍ନ ସଙ୍ଗଠନ ଏହାକୁ ସମର୍ଥନ ଦେବାରେ ଲାଗିଛନ୍ତି। ଆସନ୍ତା ମଙ୍ଗଳବାର ଏହି ଦାବିରେ ଅବିଭକ୍ତ କୋରାପୁଟ ଜିଲା ବନ୍ଦ ଡାକରା ଦେଇଛି ମିଳିତ କ୍ରିୟାନୁଷ୍ଠାନ କମିଟି। ପୂର୍ବରୁ ସିପିଆଇ, କଂଗ୍ରେସ ଏହାକୁ ସମର୍ଥନ ଦେଇଥିବା ବେଳେ ରବିବାର ବିଜେଡି, ଭାଜପା ଓ ବିଏସ୍‌ପି ମଧ୍ୟ ନିଜ ସମର୍ଥନ ଜଣାଇଛନ୍ତି।

ଅପରାହ୍ନରେ ସ୍ଥାନୀୟ ଜିଲା ଆଇନଜୀବୀ ସଂଘ କାର୍ଯ୍ୟାଳୟରେ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ତଥା ଜିଲା ଆଇନଜୀବୀ ସଂଘ ସଭାପତି ବୀରେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ତାରାପ୍ରସାଦ ବାହିନିପତି ଯୋଗଦେଇ କଂଗ୍ରେସ ଆନ୍ଦୋଳନରେ ସାମିଲ ହେବ ବୋଲି କହିଛନ୍ତି। ଭାଜପା ଜିଲା ସଭାପତି ବିଜୟ ମିଶ୍ର, ଅନୁପ ପାତ୍ର, ଦେବେନ୍ଦ୍ର ବାହିନୀପତି, ଅକ୍ଷୟ ସାହୁ ଏବଂ ବହୁଜନ ସମାଜପାର୍ଟି ଜିଲା ସଭାପତି ସରୋଜ ଭଦ୍ରା ନିଜ ଦଳର ସମର୍ଥନ ଦେବେ ବୋଲି କହିଛନ୍ତି। ବିଜେଡି ପକ୍ଷରୁ ବାଲା ରାୟ, ଯୁବନେତା ଧର୍ମେନ୍ଦ୍ର ଅଧିକାରୀ କହିଛନ୍ତି, ଏହା ଅବିଭକ୍ତ କୋରାପୁଟ ଜିଲାର ସାଧାରଣ ଓ ଗରିବ ଲୋକଙ୍କ ଲଢ଼େଇ। ତେଣୁ ସମସ୍ତେ ମିଳିତ ଭାବେ ଏହାକୁ ସମର୍ଥନ କରିବେ। ରାୟଗଡ଼ା ଜିଲା ଆଇନଜୀବୀ ସଂଘ ପୂର୍ବରୁ ବନ୍ଦରେ ସାମିଲ ନ ହେବାକୁ ଘୋଷଣା କରିଥିଲେ। କିନ୍ତୁ ଗତ ଶନିବାର କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ରାୟଗଡ଼ାରେ ପହଞ୍ଚି ସଂଘର କର୍ମକର୍ତ୍ତାଙ୍କୁ ବୁଝାସୁଝା କରିବା ପରେ ସେମାନେ ଧର୍ମଘଟରେ ସାମିଲ ହେବା ପାଇଁ ସମ୍ମତି ଦେଇଛନ୍ତି। ପୂର୍ବରୁ ଘରୋଇ ବସ୍ ମାଲିକ ସଂଘ, ଚାମ୍ବର ଅଫ କମର୍ସ ଓ ଇଣ୍ଡଷ୍ଟ୍ରି ବନ୍ଦକୁ ସମର୍ଥନ ଜଣାଇଛି। ସେହିପରି ଅବିଭକ୍ତ କୋରାପୁଟ ଜିଲାର ଜୟପୁର, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଉମରକୋଟ, କୋଟପାଡ଼, ଗୁଣପୁର, ବିଷମକଟକ, ଲକ୍ଷ୍ମୀପୁର, ସେମିଳିଗୁଡ଼ା, ବୋରିଗୁମ୍ମା, ରାଇଘର ଆଇନଜୀବୀ ସଂଘ ସମର୍ଥନରେ ସମସ୍ତ ୪ ଜିଲାରେ ଦୋକାନ ବଜାର, ଗାଡ଼ି, ଟ୍ରେନ ଚଳାଚଳ ବନ୍ଦ ସହ ଅର୍ଥନୈତିକ ଅବରୋଧ କରାଯିବ। ବନ୍ଦ ଡାକରାରେ ୨୯ଟି ସଂଗଠନ ସମର୍ଥନପତ୍ର ଦେଇଛନ୍ତି।

କୋରାପୁଟ ବାର ଆସୋସିଏନର ସଭାଗୃହରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରିୟାନୁଷ୍ଠାନ ଉପସଭାପତି ତଥା କୋରାପୁଟ ବାର ଆସୋସିଏସନ ସଭାପତି ସୁଦର୍ଶନ ଗୌଡ଼ କହିଛନ୍ତି, ୧୮ରେ ବାର ଘଣ୍ଟିଆ ବନ୍ଦକୁ କୋରାପୁଟ ଜିଲାର ସମସ୍ତ ରାଜନୈତିକ ଦଳ, ଟ୍ରକ ଆସୋସିଏସନ, ବ୍ୟବସାୟୀ ସଂଘ, ଅଟୋ ସଂଘ ସମର୍ଥନ କରୁଛନ୍ତି। ସମ୍ମିଳନୀରେ ଆସୋସିଏସନ ସଂପାଦକ ସୁନିଲ ଜେନା, ଆବାହକ ଗୁପ୍ତେଶ୍ୱର ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ପିଠା କାର୍ଯ୍ୟକ୍ରମରେ ଭତ୍ତା

**ପଟ୍ଟାଙ୍ଗି,୧୬।୧୨(ଡି.ଏନ୍.ଏ.)**

ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟରେ ରବିବାର ସରପଞ୍ଚ ଭଗବାନ ଖରାଙ୍କ ନେତୃତ୍ୱରେ ଆୟୋଜିତ ପିଠା କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆଞ୍ଚେଲ ବାଙ୍କାଙ୍କ ନେତୃତ୍ୱରେ ପିଠା ଆଧାରିତ ଏକ ଛୋଟିଆ ନାଟକ ପରିବେଷଣ କରାଯାଇଥିଲା। ସେହିପରି ଉଦ୍ୟାନ, କୃଷି ଓ ବିଦ୍ୟୁତ ବିଭାଗ ଷ୍ଟଲରେ ଲୋକେ ସେବା ପାଇଁ ନାମ ପଞ୍ଜିକରଣ କରିଥିଲେ। ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ ଯୋଜନା ସମ୍ପର୍କରେ ସମ୍ପୃକ୍ତ ବିଭାଗର ଅଧିକାରୀ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ। ବିଧାୟକ ପାଙ୍ଗି ଓ ସମ୍ମାନିତ ଅତିଥି ଥିବା ଉପଜିଲାପାଳ ଲଳିତ କଅଁର ସଦର ପଞ୍ଚାୟତର ୧୫ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ୪ ଜଣଙ୍କୁ ୧୨ ଶହ ଲେଖାଏଁ କଳାକାର ଭତ୍ତା ପ୍ରଦାନ କରିଥିଲେ। ସେହିପରି ବ୍ଲକର ଗାଙ୍ଗରାଜପୁର ଓ ନୂଆଗାଁ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ଦିଆଯାଇଥିଲା। ଏଥିରେ ବିଡିଓ କରୁଣାକର ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସମିତି ସଭ୍ୟା ଗାଙ୍ଗୁ ବାଟୁ, କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିବାକର ପୁରୋହିତ ସାମିଲ ଥିଲେ।

## ବଡ଼ସରପଲ୍ଲୀରେ ପିଠା କାର୍ଯ୍ୟକ୍ରମ

**ବନ୍ଧୁଗାଁ,୧୬।୧୨(ଡି.ଏନ୍.ଏ.)**

ବନ୍ଧୁଗାଁ ବ୍ଲକ୍ ଅନ୍ତର୍ଗତ ବଡସରପଲ୍ଲି ପଞ୍ଚାୟତରେ ରବିବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ୍ ବିଜେଡି ସଭାପତି ବାଲା ନାଗ, ବଡସରପଲ୍ଲି ସରପଞ୍ଚ ଲକ୍ଷ୍ମୀ ମିଣିଆକା, ୱାର୍ଡ ସଭ୍ୟ ଏବଂ ବନ୍ଧୁଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ନାୟକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେଶ ପଟ୍ଟନାୟକ, ଯୋଗାଣ ସହାୟକ ଏନ୍. ଚନ୍ଦନ କୁମାର ଉପସ୍ଥିତ ଥିଲେ । ଏଥିରେ ସରକାରଙ୍କ ଯୋଜନା ମଧୁବାବୁ ପେନ୍‌ସନ୍, ବାର୍ଦ୍ଧକ୍ୟ ଭତ୍ତା, ଆମ ଏଲ୍‌ଇଡି, ଖାଦ୍ୟ ସୁରକ୍ଷା, ମିଶନ ଶକ୍ତି, ନିର୍ମାଣ ଶ୍ରମିକ ସହାୟତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗ୍ରାମୀଣ ବିଦ୍ୟୁତିକରଣ, ବିଜୁ ପକ୍କାଘର, କଳିଙ୍ଗ ଶିକ୍ଷା, ବିଜୁ ଯୁବ ସଶକ୍ତିକରଣ ଯୋଜନା ସମ୍ପର୍କରେ ବିଜେଡି ସଭାପତି ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଷ୍ଟଲ୍ ଖୋଲାଯାଇଥିଲା ।

## ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଚୋରି

**ଜୟପୁର,୧୬।୧୨(ନି.ପ୍ର.)**

ଜୟପୁର ସମ୍ବାରତୋଟାର ପ୍ରଥମ ଲାଇନରେ ରୁହନ୍ତି ଭବାନି ନାୟକ । ସେ ରାୟଗଡ଼ା ଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ୪ଟି ହାର, ସୁନା ଚେନ, ମୁଦି, କାନଫୁଲ ସମେତ ୧୯ ଭରି ସୁନା ସହ ନଗଦ ୮୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ରବିବାର ଭବାନି ଫେରିବା ପରେ ଜୟପୁର ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ ୩୩୮/୧୮ରେ ଏକ ମାମଲା ରୁଜୁ କରିଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଛି। ଏସ୍‌ଡିପିଓ ଟି.ଜେ. ରେଡ୍ଡି ମଧ୍ୟ ଘଟଣାସ୍ଥଳ ଯାଞ୍ଚ କରିଥିବା ବେଳେ ଏସ୍ଆଇ ତପନ ନାହାକ ଘଟଣାର ତଦନ୍ତ କରୁଛନ୍ତି।




# ୧୨୨ଙ୍କୁ ଭତ୍ତା, ୧୦୦ ହିତାଧିକାରୀଙ୍କୁ ବିଦ୍ୟୁତ୍ ସଂଯୋଗ ଆଦେଶ

**ଲକ୍ଷ୍ମୀପୁର,୧୬।୧୨**

ଲକ୍ଷ୍ମୀପୁର ବ୍ଲକ୍ ବୈପାରୀଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଡମ୍ବରୁ ମୁଦୁଲିଙ୍କ ଅଧକ୍ଷତାରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଯୋଗଦେଇ ସରକାରଙ୍କ ବହୁମୁଖୀ ଯୋଜନା ଲୋକମାନଙ୍କ ନିକଟରେ କିପରି ପହଞ୍ଚିବ ସେ ସମ୍ପର୍କରେ ମତ ରଖିଥିଲେ। ୧୧୭ ଜଣ ହିତାଧିକାରୀଙ୍କୁ ବିଧବା, ବାର୍ଦ୍ଧକ୍ୟ, ବିକଳାଙ୍ଗ ଭତ୍ତା , ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଏବଂ ସୌଭାଗ୍ୟ ଯୋଜନାରେ ୧୦୦ ଜଣ ହିତାଧିକାରଙ୍କୁ ବିଦ୍ୟୁତ୍ ସଂଯୋଗ ଆଦେଶ ବଣ୍ଟନ କରାଯାଇଛି। ଏଥିରେ ଲକ୍ଷ୍ମୀଧର ବିଶ୍ୱାଳ, କନକଲତା ନାୟକ, ପ୍ରଦୀପ୍ତ ମିଶ୍ର, ବିଏସ୍ ଶର୍ମା, ହରିଶ ଦଳାଇ, କେଦାରନାଥ ପଣ୍ଡା, ପାର୍ବତୀ ଆଚାର୍ଯ୍ୟ, ସନ୍ନ୍ୟାସୀ ନାୟକ ପ୍ରମୁଖ ବିଭିନ୍ନ ଅଧିକାରୀ ଏବଂ ଜନପ୍ରତିନିଧି ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।


airtel

**ନିରପେକ୍ଷ ବିଜ୍ଞପ୍ତି**

**ଭାରତୀ ଏୟାରଟେଲ ଲିମିଟେଡ**

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 30 ଜୁନ୍, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ଡିସେମ୍ବର, 2018 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ଡିସେମ୍ବର, 2018 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ଡିସେମ୍ବର, 2018 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍‌ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ଡିସେମ୍ବର, 2018 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341703000001636ରୁ 1341708003225114 ।

**ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ**
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ,
ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି,
ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ,
ଭୁବନେଶ୍ୱର–751 024


# ୯୯ ଜଣଙ୍କୁ ଭତ୍ତା, ୮୮ ଜଣଙ୍କୁ ମିଳିଲା ରାଶନ କାର୍ଡ

**ସେମିଳିଗୁଡ଼ା/ଦାମନଯୋଡ଼ି,୧୬।୧୨(ସ୍ୱ.ପ୍ର.)**

ସେମିଳିଗୁଡ଼ା ବ୍ଲକ୍ ପାଖଜଲା, ଦୁଧାରୀ ଏବଂ ତାରାଙ୍ଗୁଲରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେମିଳିଗୁଡ଼ା ବିଡିଓ ତ୍ରିନାଥ ମାଝି, ବ୍ଲକ୍ ଅଧ୍ୟକ୍ଷ ଦିନେଶ ଖରା, ପାଖଜଲା ସରପଞ୍ଚ ଲକ୍ଷ୍ମଣ ପାଢ଼ୀ, ସମିତି ସଭ୍ୟ ସଦାଶିବ ବାରିକ, ଦୁଧାରୀ ସରପଞ୍ଚ ଗୀତାଞ୍ଜଳି ତାଡିଙ୍ଗ, ଆଇସିଡିଏସ, ସିଡିପିଓ ସ୍ନେହାଙ୍ଗିନୀ ସୋରେନ୍ ଏବଂ ସୁପରଭାଇଜର ସାବିତ୍ରୀ ସାହୁ, ବିପିନ୍ ମହାରାଣା, ସୁବାସ ପଣ୍ଡା, ମିନତି ବାଘ, ମାର୍କଣ୍ଡ ପାଢ଼ୀ , ଗୌରୀଶଙ୍କର ସାହୁ ଉପସ୍ଥିତ ରହି ଓଡ଼ିଶା ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଉକ୍ତ ୩ ପଞ୍ଚାୟତ ଲୋକଙ୍କୁ ୧୫ ଶହ ପିଠା ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତାରାଙ୍ଗୁଲ ପଞ୍ଚାୟତରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ୩୮ ଜଣଙ୍କୁ ପେନସନଭୁକ୍ତ କରାଯାଇଛି। ସେହିପରି ଦୁଧାରୀ ପଞ୍ଚାୟତରେ ୨୯ ଜଣ, ପାଖଜଲା ପଞ୍ଚାୟତ ଆଲିଗାଁର ୩୨ ଜଣଙ୍କୁ ବିଡିଓ ପେନସନ ପ୍ରଦାନ କରିଛନ୍ତି।

ସେହିପରି କୋରାପୁଟ ବ୍ଲକ୍ ମାଥାଲପୁଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପିଇଓ ସୁନୀଲ ମହାରଣା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ମାଥାଲପୁଟ ଓ ମରିଚିମାଳ ପଞ୍ଚାୟତର ୮୮ ଜଣଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିବାବେଳେ ମଧୁବାବୁ ପେନ୍‌ସନ ଯୋଜନାରେ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ମାଥାଲପୁଟର ମା' ସମଲେଶ୍ୱରୀ ଓ ମା ସନ୍ତୋଷୀ ଏସ୍ଏଚ୍‌ଜି ବିଭିନ୍ନ ପ୍ରକାର ପିଠା ପ୍ରଦାନ କରିଥିଲେ। ବିଡିଓ ନରେନ୍ଦ୍ର ନାୟକ, ଜିପିଇଓ ସୁରେଶ ହୋତା, ପ୍ରଶାନ୍ତ ଦାସ, ଉପାଧ୍ୟକ୍ଷ ମୁରଲୀ ଖରା, ଚମନ ଲାକ୍ରା, ଏମ୍ ବିଶ୍ୱାଳ, ଲକ୍ଷ୍ମଣ ମାଝି, ଲକ୍ଷ୍ମୀ ଶକ୍ତିପୁଟିଆ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରାଇଥିଲେ।



**ସଂକ୍ଷେପରେ**

## ବିଭିନ୍ନ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

**ଚିତ୍ରକୋଣ୍ଡା,୧୬ା୧୨:** ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା ପଞ୍ଚାୟତ ଓ ଦୋରାଗୁଡା ପଞ୍ଚାୟତ କାର୍ଯ୍ୟାଳୟ,ବଡପଡା ପଞ୍ଚାୟତ କାର୍ଯ୍ୟଳୟଠାରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ପଞ୍ଚାୟତରେ ଅତିଥିଭାବେ ଜିପିଓ ଧୀରେନ ଖଣ୍ଡାଗିରି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁରେଶ ଚନ୍ଦ୍ର ଝଙ୍କାର,ପ୍ରଧାନ ଶିକ୍ଷକ ରବିନ୍ଦ୍ରନାଥ ସେଠୀ, ସିଆରସିସି କୃଷ୍ଣଚନ୍ଦ୍ର ଡାକୁଆ, ପିଇଓ କିଷ୍ଟାପଦର ଢାଲି, ସରପଞ୍ଚ ଯୋଗ ଦେଇଥିଲେ। ଏହାକୁ ତୁଷାରକାନ୍ତ ରାଉତ ଓ ଦୀପ୍ତି ରଞ୍ଜନ ରଥ ପରିଚାଳନା କରିଥିଲେ। ଦୋରାଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା କାର୍ଯ୍ୟକ୍ରମ ଶିଶୁ ଓ ମହିଳା କଲ୍ୟାଣ ସମିତି ଓ ସୀତାପାଦ ପରିବା ଉତ୍ପାଦନକାରୀ ମହିଳା ସମବାୟ ଲିମିଟେଡ କରିଥିଲା। ଅତିଥି ଭାବେ ବିଡ଼ିଓ ଲରିମନ ଖରସେଲ, ଶ୍ରମ ଅଧିକାରୀ ମଦନ ମୋହନ ପାଇକ, ବିପିଏମ ପର୍ଶୁରାମ ବେହେରା, ପିଇଓ ରାମେଶ୍ୱର ପୂଜାରୀ, ଆଦିବାସୀ ବିକାଶ ପରିଷଦ ସଦସ୍ୟ ଶୁକ୍ରା ମୁଦୁଲି ଯୋଗ ଦେଇଥିଲେ। ଏହାକୁ ଠାକୁର ପ୍ରସାଦ ପାଇକ, ପ୍ରମିଳା ଖରା ଓ ଅଶୋକ ପୂଜାରୀ ପରିଚାଳନା କରିଥିଲେ। ସେଇଭଳି ସ୍ୱାଭିମାନ ଅଞ୍ଚଳ ବଡପଡା ପଞ୍ଚାୟତ କାର୍ଯ୍ୟଳୟଠାରେ ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ,ମଙ୍ଗଳ ସଂପ୍ରସାରଣ ଅଧିକାରୀ ଚିତରଞ୍ଜନ ବେହେରା, ସିଡ଼ିପିଓ ପାର୍ବତୀ ସୋରେନ, ବିଦ୍ୟୁତ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ସୁପରଭାଇଜର ବିଜୟଲକ୍ଷ୍ମୀ ସଭାସୁନ୍ଦର, ପିଇଓ ସାଧୁ ହନ୍ତାଳ, ପାପରମେଟେଲା ଥାନା ଅଧିକାରୀ ବଣ୍ଟି ମୁଦୁଲି ଯୋଗ ଦେଇଥିଲେ।

# ଯୁବତୀଙ୍କ ସହ ପ୍ରତାରଣା କଲେ ଯୁବକ

**ବିବାହ ନ କରି ମାଆ ହେଲେ**

ମାଲକାନଗିରି, ୧୬ା୧୨(ଡି.ଏନ.ଏ.)

ମାଲକାନଗିରି ଜିଲାରେ ରବିବାର ଏକ ଅମାନୁଷିକ ଘଟଣା ନଜରକୁ ଆସିଛି। ଜଣେ ସ୍ୱଳ୍ପ ଦୃଷ୍ଟିଶକ୍ତିସମ୍ପନ୍ନ ଯୁବତୀ ବିବାହ ନ କରି ମାଆ ହୋଇଛନ୍ତି । କୋରୁକୋଣ୍ଡା ବ୍ଲକ ନୂଆଗୁଡା ଗ୍ରାମରେ ତାଙ୍କ ଘର ବୋଲି କୁହାଯାଉଛି। ଗରିବ ଆଦିବାସୀ ପରିବାରର ଏହି ଯୁବତୀଙ୍କ ମାଆବାପା କୁଲି କରି ପରିବାର ଚଳାନ୍ତି। ଝିଅ ଆଖିକୁ ଭଲ ଦେଖାଯାଉ ନ ଥିବାରୁ ତାକୁ ଘରୁ କୁଆଡେ ବାହାରକୁ ଛାଡନ୍ତିନାହିଁ । ମାଆବାପ କାମକୁ ବାହାରକୁ ଚାଲିଯିବା ପରେ ଏହାର ସୁଯୋଗ ନେଇ ମାଲକାନଗିରି ଥାନା ତେନ୍ତୁଳିଗୁଡା ଗ୍ରାମର ଜଣେ ବିବାହିତ ଯୁବକ ଏହି ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇଥିଲେ । ଯୁବକ ଜଣକ ବିବାହ କରିଥିବାରୁ ଯୁବତୀ ଜଣକ ଏଥିରେ ରାଜି ହୋଇ ନ ଥିଲେ । ପରେ ଯୁବକ ଜଣକ ବିଭିନ୍ନ ପ୍ରତିଶ୍ରୁତି ଦେବା ସହ ମାଟି ଛୁଇଁ ଶପଥ ନେଇଥିଲେ। ମୁଁ ତୁମକୁ ବିବାହ କରି ମୋ ପାଖରେ ରଖିବି ବୋଲି କହିଥିଲେ। ପରେ ସେ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ପରେ ତାକୁ ଶୀଘ୍ର ବିବାହ କରିବାକୁ ଯୁବକଙ୍କୁ କହିଥିଲେ। ଆସନ୍ତା ଦଶହରା ମାସରେ ମୁଁ ତୁମକୁ ଘରକୁ ଆଣିବି ବୋଲି କହିଥିଲେ। ତେବେ ଶନିବାର ଯୁବତୀଙ୍କ ଗର୍ଭଯନ୍ତ୍ରଣା ହେବା ପରେ ସେ ସମ୍ପୃକ୍ତ ଯୁବକଙ୍କୁ ବାରମ୍ବାର ଫୋନ କରିଥିଲେ ମଧ ଯୁବକ ଜଣକ କୌଣସି ଉତ୍ତର ଦେଇ ନ ଥିଲେ କି ଯୁବତୀଙ୍କ ପାଖକୁ ଆସି ନ ଥିଲେ। ଶେଷରେ ଗ୍ରାମର ଆଶାକର୍ମୀ ଏବଂ ପରିବାର ଲୋକେ ଯୁବତୀଙ୍କୁ କୋରୁକୋଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ରବିବାର ଡାକ୍ତରଖାନାରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ଏହି ଖବର ମାଲକାନଗିରି ଚାଇଲ୍ଡ ଲାଇନ୍ ପାଇଲା ପରେ ଚାଇଲ୍ଡ ଲାଇନର ଜିଲା ସଂଯୋଜକ ଭବାନୀ ବେହେରା, ରିଙ୍କୁ ସରକାର, ସୁକାନ୍ତି ବିଶ୍ୱାଳ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଶିଶୁଟିକୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରିବା ପାଇଁ ଅନେକେ ଆଗ୍ରହୀ ଥିବାବେଳେ ସମ୍ପୃକ୍ତା ଯୁବତୀ ଏନେଇ ଥାନାର ଆଶ୍ରୟ ନେବେ ବୋଲି କହିଛନ୍ତି। ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

■ ଡାଏକୁ ପୂରିଲା ୨ ମାସ

## ଏଯାଏ ସୁଧୁରୁନି ବଣ୍ଡାଘାଟି ଅବସ୍ଥା

ଗୋବିନ୍ଦପାଲି, ୧୬ା୧୨ (ଡି.ଏନ୍.ଏ.)

ବାତ୍ୟା ଡାଏକୁ ପୂରିଲାଣି ଦୁଇ ମାସ ।। ହେଲେ ଆଜି ପର୍ଯ୍ୟନ୍ତ ବହୁ ସ୍ଥାନରେ ସରକାରୀ ସହାୟତା ପହଞ୍ଚିପାରିନି। ସେହି ସ୍ଥାନରେ ମଧ ପ୍ରଶାସନିକ ଅଧିକାରୀମାନେ ଏଯାଏ ପହଞ୍ଚି ନାହାନ୍ତି। ବାତ୍ୟାରେ ବଣ୍ଡାଘାଟି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା। ବହୁ ଘର ଭାଙ୍ଗି ମାଟିରେ ମିଶି ଯାଇଥିଲା । ସହାୟତା ଅଭାବରୁ ଏବେ ମଧ ଘରଗୁଡିକ ସଜଡା ହୋଇପାରିନି। ମାଲକାନଗିରି ଜିଲାର ଏହି ବଣ୍ଡାଘାଟି ଆଜି ବି ସରକାରୀ ଅବହେଳାର ଶିକାର ହୋଇଚାଲିଛି। ଲୋକମାନେ ଘର ନ ଥିବାରୁ ବାହାରେ ଦିନ କାଟୁଛନ୍ତି। ଏ ସମ୍ପର୍କରେ ଖଇରପୁଟ ତହସିଲଦାର ଅଶ୍ୱିନ ମହାପାତ୍ର କହିଛନ୍ତି ଯେ, ଆମେ ଜିଲା ପ୍ରଶାସନକୁ କ୍ଷୟକ୍ଷତିର ରିପୋର୍ଟ ଦେଇଛୁ। ସେମାନେ ଏସ୍ଆରସିଙ୍କୁ ରିପୋର୍ଟ ଦେଇଛନ୍ତି। ସହାୟତା ଆସିଲା ପରେ କ୍ଷତି ପୂରଣ ପ୍ରଦାନ କରାଯିବ।

■ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

## କମ ସୁଧରେ ଚାଷୀଙ୍କୁ ଋଣ ପ୍ରଦାନ ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କାଲିମେଲା,୧୬ା୧୨(ଡି.ଏନ.ଏ.)

କାଲିମେଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ଖେଳ ଷ୍ଟାଡିୟମଠାରେ ରବିବାର ବ୍ଲକ ସ୍ତରୀୟ କୃଷକ ସମ୍ପର୍କ ମେଳା ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ବିଧାୟକ ମାନସ ମାଡକାମି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ମାଲା ମାଢି, ସମ୍ମାନିତ ଅତିଥି ଭାବେ ଉପ କୃଷି ନିର୍ଦ୍ଦେଶକ ରାମଚନ୍ଦ୍ର ପଟ୍ଟନାୟକ, ଜିଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ, ପିପିଓ ସନ୍ଦୀପ କୁମାର ସାହୁ, ଉଦ୍ୟାନ କୃଷି ଅଧିକାରୀ ଶୁଭେନ୍ଦୁ ବିଶ୍ୱାସ, ପଡିଆ ବ୍ଲକ ସହକାରୀ କୃଷି ଅଧିକାରୀ, ପ୍ରାଣୀ ଚିକିତ୍ସାଧିକାରୀ ଯଶମନ୍ତ କୁମାର କୁମୁଟି ପ୍ରମୁଖ ଉପସ୍ଥିତ ଥିଲେ। ଆଶିଷ କୁମାର ସାମଲ ସ୍ୱାଗତ ସୂଚନା ଦେଇଥିଲେ । କାଲିମେଲା ବ୍ଲକରେ କୃଷକଙ୍କ ଉନ୍ନତି ସହିତ ବିଭିନ୍ନ କୃଷିକାର୍ଯ୍ୟ ପ୍ରଣାଳୀ, ବିହନ, ସାର, କୀଟନାଶକ,ଉନ୍ନତ ଚାଷ ପ୍ରଣାଳୀ,କୃଷି ଯନ୍ତ୍ରପାତି ଏବଂ ସମବାୟ ମାଧ୍ୟମରେ ଚାଷୀଙ୍କୁ ଋଣ ଯୋଗାଇ ଦେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଚାଷୀଙ୍କୁ କମ ସୁଧରେ ଋଣ ପ୍ରଦାନ, କୃଷି ଯନ୍ତ୍ରପାତିରେ ସବସିଡି, ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ ପାଇଁ ମତ ପ୍ରକାଶ ପାଇଥିଲା। ମୃତ୍ତିକା ପରୀକ୍ଷା କରାଯାଇ ସେହି ଅନୁସାରେ ଖାଦ୍ୟସାର ଯୋଗାଣ, ଅମଳ ପରବର୍ତ୍ତୀ ଶସ୍ୟ ସୁରକ୍ଷା ଲାଗି ଶୀତଳଭଣ୍ଡାର ପ୍ରତିଷ୍ଠା, ଶସ୍ୟର ମୂଲ୍ୟ ସଂଯୁକ୍ତୀକରଣ ପାଇଁ ପ୍ରୋତ୍ସାହନ, ଅଭାବୀ ବିକ୍ରି ବନ୍ଦ କରିବା, ଜାତୀୟ କୃଷି ବଜାର ସୃଷ୍ଟି କରିବା,ଫସଲ ବୀମା ଓ କୁକୁଡା ଚାଷ, ମହୁମାଛି ପାଳନ ଏବଂ ମାଛଚାଷକୁ ପ୍ରୋତ୍ସାହନ ପାଇଁ ସେମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଆଶା ଏଗ୍ରୋ ଏଣ୍ଟରପ୍ରାଇଜ ପକ୍ଷରୁ କ୍ଷୁଦ୍ର ରାଇସ ମିଲ, ଧାନ ଅମଳ ଯନ୍ତ୍ରାଂଶ ଆଦି ପ୍ରଦର୍ଶିତ କରାଯାଇଥିଲା । ସହକାରୀ କୃଷି ଅଧିକାରୀ ସୁକାନ୍ତି ବାକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଝରିଗାଁ ପଞ୍ଚାୟତ ସମିତି ପକ୍ଷରୁ ଶୁଭେଚ୍ଛା ସହ
**ରମୁଳା ଗଣ୍ଡ**
ଅଧ୍ୟକ୍ଷା, ଝରିଗାଁ ବ୍ଲକ


ଶୁଭେଚ୍ଛା ସହ
**ଦୁର୍ଗା ପ୍ରସାଦ ମାଝୀ**
ଯୁବ ବିଜେଡି ସଭାପତି ଝରିଗାଁ ବ୍ଲକ


ଧରିତ୍ରୀର ପାଠିକା ପାଠକ ଓ ରାଇଘରବାସୀଙ୍କୁ ଶୁଭେଚ୍ଛା ସହ
**ମୟଙ୍କ ଜୟଶ୍ୱାଲ**
ମସ୍ତାନା ୱାଇନ୍ ରାଇଘର


ସ୍ୱନକ୍ଷତ୍ର ଅବସରରେ ପାଠକ ପାଠିକା ବ୍ଲକବାସୀଙ୍କୁ ଶୁଭେଚ୍ଛା
**ଉଦୟ ନାଥ ନାୟକ**
ଏମ୍‌ପିଙ୍କ ପ୍ରତିନିଧି ଝରିଗାଁ ବ୍ଲକ


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପାଠକ ପାଠିକାଙ୍କୁ ଶୁଭେଚ୍ଛା
**ପ୍ରିୟରଞ୍ଜନ ଦାସ**
ମନ୍ତ୍ରୀଙ୍କ ପ୍ରତିନିଧି ଝରିଗାଁ ବ୍ଲକ


ଧରିତ୍ରୀର ଅଗଣିତ ପାଠିକା, ପାଠକ ଓ ରାଇଘର ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ରାଇଘର ପଞ୍ଚାୟତ ସମିତି।

**ଦେବୀ ପ୍ରସାଦ ଟାଳି**
ବିଡିଓ, ରାଇଘର



# କାମରେ ଲାଗୁନି କାଶୀପୁର କଲେଜ ହଷ୍ଟେଲ

**ଟିକିରି,୧୬।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶିପୁର ବ୍ଲକରେ ରହିଛି ମା' ମାଣିକେଶ୍ୱରୀ ଆବାସିକ କଲେଜ । ଯୁକ୍ତ ୨ ପର୍ଯ୍ୟନ୍ତ ଥିବା ଏହି କଳା କଲେଜରେ ସ୍ଥାନୀୟ ଅଞ୍ଚଳର ଅନୁସୂଚିତ ଜାତି, ଜନଜାତି ସହିତ ଅନ୍ୟ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୂରଦୂରାନ୍ତରୁ ଏଠାକୁ ପଢ଼ିବାକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ରହିବା ନିମନ୍ତେ ଆଇଟିଡିଏ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ହଷ୍ଟେଲ ନିର୍ମାଣ କରାଯାଇଛି । ଏହାକୁ ରାୟଗଡା ବିଧାୟକ ଏବଂ କୋରାପୁଟ ଏମ୍‌ପି ଉଦ୍‌ଘାଟନ ମଧ୍ୟ କରିଛନ୍ତି । କିନ୍ତୁ କୋଠା ନିର୍ମାଣର ଦୁଇ ବର୍ଷ ପରେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ରକ୍ଷଣାବେକ୍ଷଣ ଅଭାବରୁ କୋଠା ଉପରେ ଘାସ ଲତା ମାଡି ଗଲାଣି । ଏଥିସହ ପିଲାଙ୍କ ଖଟ, ସିଲିଂ ଫ୍ୟାନ୍, ଲାଇଟ୍ ଆଦି ଚୋରି ହେବାରେ ଲାଗିଛି । ଗତ ଦିନରେ ହଷ୍ଟେଲରୁ ଆସବାବପତ୍ର ଚୋରି ହୋଇଥିବା ନେଇ କଲେଜ ପ୍ରିନ୍ସିପାଲ ଥାନାରେ ଏତଲା ଦେଇଥିଲେ । ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେଜଣ ଧରାପଡିଥିଲେ ସୁଦ୍ଧା ଚୋରି ଜିନିଷ ଉଦ୍ଧାର ହୋଇପାରି ନାହିଁ। ଏନେଇ ପ୍ରିନ୍ସିପାଲ ରମାକାନ୍ତ ମଲ୍ଲିକଙ୍କୁ ପଚାରିବାରୁ, ଅନୁସୂଚିତ ଜନଜାତି ଶ୍ରେଣୀର ଛାତ୍ରୀଛାତ୍ରମାନେ ସରକାରଙ୍କ ତରଫରୁ ଖାଇବା ବ୍ୟବସ୍ଥା କରିବାକୁ ଦାବି କରୁଛନ୍ତି ବୋଲି ସେ କହିଛନ୍ତି ।



ହଷ୍ଟେଲ ପରିସରରେ ଉଠିଥିବା ଅନାବନା ଗଛ ।

# ଆରମ୍ଭ ହେଲା ଚଇତି କ୍ରୀଡା

**ରାୟଗଡା ଅଫିସ୍, ୧୬।୧୨**

ରାୟଗଡା ଜିଲା ମହୋତ୍ସବ ଚଇତି ଅବସରରେ ରବିବାର ଆରମ୍ଭ ହୋଇଛି କ୍ରୀଡା ଉତ୍ସବ । ପ୍ରଥମ ଦିନରେ ବାସ୍କେଟ ବଲ୍ ଓ ମହିଳା କବାଡି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମହିଳା ମହାବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାରେ ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟଅତିଥି ଓ ଏସ୍‌ପି ରାହୁଲ ପିଆର୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୧୦ଟି ମହିଳା ଦଳ ଭାଗ ନେଇଥିଲେ । ଆସନ୍ତା ୨୨ ତାରିଖରେ ମହିଳା ମହାବିଦ୍ୟାଳୟ ଓ ସେଭେନ ଷ୍ଟାର ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ ।। ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଷମା ଦାସ, ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦୁଷ୍ମନ୍ତ କୁମାର ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ସଦ୍‌ଭାବନା କ୍ରୀଡାଙ୍ଗନରେ ବାଳକଙ୍କ ମଧରେ ବାସ୍କେଟ ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲାପାଳ ଓ ଏସ୍‌ପି ଏହାକୁ ଉଦ୍‌ଘାଟନ କରିଥିଲେ । ମୋଟ ୮ଟି ଦଳ ଭାଗ ନେଇଥିଲେ ।



କବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ ।

# ଜିଲାପାଳଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

**ରାୟଗଡା ଅଫିସ୍, ୧୬।୧୨**

ରାୟଗଡା ବ୍ଲକ୍ କୁର୍ଲି ଗ୍ରାମ ନିକଟରେ ରବିବାର ଜିଲାପାଳଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ସମେତ ସୁରକ୍ଷାକର୍ମୀ ଓ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବରପାଇ ଚାନ୍ଦିଲି ପୋଲିସ ଓ ଆଞ୍ଚଳିକ ପରିବହନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଧକ୍କା ଦେଇଥିବା ଟିପ୍ପରକୁ ଜବତ କରିଛନ୍ତି। ଡ୍ରାଇଭର ମହେଶ୍ୱର ସୁନାବଂଶଙ୍କୁ ଥାନାରେ ଅଟକ ରଖାଯାଇଛି । ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିବା ଆର୍‌ଟିଓ ଦିଲୀପ କୁମାର ଦଳାଇ କହିଛନ୍ତି। ପରେ ଜିଲାପାଳ ଅନ୍ୟ ଏକ କାର୍ ଯୋଗେ ସେଠାରୁ ଫେରିଥିଲେ । ଜିଲାପାଳ ଇନୋଭା କାର(ନମ୍ବର ଓଡି.୧୮.ସି-୫୬୭୮) ଯୋଗେ କୁର୍ଲି ପଞ୍ଚାୟତରେ ଆୟୋଜିତ ପିଠା କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଟିପ୍ପର (ନମ୍ବର ଓଆର୍.୧୮.ବି-୦୮୪୬) ସହ ଧକ୍କା ହୋଇଥିଲା । ଜିଲାପାଳଙ୍କ କାର ରାସ୍ତାରୁ ତଳକୁ ଖସିଯାଇଥିଲା ।



ଦୁର୍ଘଟଣାଗ୍ରସ୍ତ ଜିଲାପାଳଙ୍କ କାର ।

# ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଚନ୍ଦ୍ରପୁର, ୧୬।୧୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ସଦର ମହକୁମାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ସ୍ଥାନୀୟ ଶିବ ମନ୍ଦିର ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୌଡ଼ , ମ୍ୟୁଜିକାଲ ଚେୟାର, ଲଙ୍ଗ୍ ଜମ୍ପ୍, ଶଟ୍‌ଫୁଟ ଆଦି କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା । କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମମତା ପ୍ରଧାନ ପ୍ରକାଶ କରିଛନ୍ତି। କ୍ରୀଡ଼ା କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପୁଷ୍ପଲତା ପାତ୍ର, ମଧୁସ୍ମିତା ସିଂ, ହରେକୃଷ୍ଣ ବ୍ରହ୍ମା, ପ୍ରଭାକର ସେଠୀ, ମନୋରଞ୍ଜନ ବେହେରା , ନିରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁ ପ୍ରସାଦ ପାତ୍ର , ସିଆରସିସି ଦିଲୀପ ଶବର ମୁଖ୍ୟଅତିଥି, ରତି ରଞ୍ଜନ ପାତ୍ର, ପୂର୍ବତନ ପରିଚାଳନା କମିଟି ସଭାପତି ବିଜୟ ପ୍ରସାଦ ଉଲାକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ ।

# କୋଲନରାରେ ପିଠା କାର୍ଯ୍ୟକ୍ରମ

**କୋଲନରା, ୧୬।୧୨(ଡି.ଏନ୍.ଏ)**

ରାୟଗଡା ଜିଲା କୋଲନରା ବ୍ଲକ୍‌ରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ନୂତନ ପିଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସଚେତନତା ଓ ହିତାଧିକାରୀ ଅନ୍ତର୍ଭୁକ୍ତିକରଣ ଏହି ପିଠା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । କୋଲନରା ଗ୍ରାମ ପଞ୍ଚାୟତର କୋଲନରା ସଦର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୋଲନରା ସରପଞ୍ଚ ମଞ୍ଜୁଳା ଉଲ୍ଲାକା ଉଦ୍‌ଘାଟନ କରିଥିଲେ । ଏଥିରେ ବିଡିଓ ତାପସ ଭୋଇ, କୋଲନରା ସମିତି ସଭ୍ୟା ଇପିଲି ଇନ୍ଦୁ, ପିଇଓ ଭି.ମୂରଲୀ କ୍ରିଷ୍ଣା, ନାଏବ ସରପଞ୍ଚ କୁଶ କୁଲିସିକା, ସାଉଥ୍ କୋ ଗ୍ରେଡ୍ ଲାଇନ୍‌ମ୍ୟାନ୍ ବିଜୟ କୁମାର ରାଉଳ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ପିଠା, ମାଗଣା ବିଦ୍ୟୁତ୍ ପଞ୍ଜୀକରଣ ନେଇ ଷ୍ଟଲ୍ ଖୋଲାଯାଇ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ଏଥିରେ ସ୍ଥାନୀୟ ଯୁବକ ଓ ବିଜୁ ଯୁବ ବାହିନୀ ସହଯୋଗ କରିଥିଲେ । ପରେ କାର୍ଯ୍ୟକ୍ରମ ପରିଦର୍ଶନରେ ରାୟଗଡା ପିଡି ଡିଆର୍‌ଡିଏ ଅମ୍ରିତ ଋତୁରାଜ ଓ ଆନାସ୍ତେଶିଆ କେରକେଟା ଆସିଥିଲେ ।

# ସରପଞ୍ଚ ସଂଘ ସମ୍ମିଳନୀ

**କାଶୀପୁର,୧୬।୧୨(ଡ଼ି.ଏନ.ଏ)**

ରାୟଗଡା ଜିଲା କାଶୀପୁର ବ୍ଲକରେ ଓଡିଶା ତ୍ରିସ୍ତରୀୟ ପଞ୍ଚାୟତ ପରିଷଦ ସରପଞ୍ଚ ମହାସଂଘ ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିର ନିକଟରେ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାଶୀପୁର ସରପଞ୍ଚ ସଂଘ ସଭାପତି ଅମିନ ମାଝି ଅଧ୍ୟକ୍ଷତା କରିଥିଲେ । ଏହି ସମ୍ମିଳନୀରେ ତ୍ରିସ୍ତରୀୟ ପଞ୍ଚାୟତ ପରିଷଦର ରାଜ୍ୟ ଆବାହକ ଦିଗମ୍ବର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ସେବାରେ ସରପଞ୍ଚମାନଙ୍କର ମୁଖ୍ୟ ଭୂମିକା ରହିଛି। ହେଲେ ସରକାର ତାଙ୍କ ପ୍ରତି ଅନ୍ୟାୟ କରୁଥିବା ଅଭିଯୋଗ ହୋଇଛି । ଜନସାଧାରଣ ସରପଞ୍ଚଙ୍କୁ ୫ବର୍ଷ ପାଇଁ ସିଧାସଳଖ ଭାବେ ନିର୍ବାଚିତ କରୁଥିବା ବେଳେ ମାତ୍ର ୨ବର୍ଷ ପରେ ୱାର୍ଡ ସଭ୍ୟମାନଙ୍କ ଦ୍ୱାରା ଅନାସ୍ଥା ପ୍ରସ୍ତାବରେ ପଦବି ହରାଇବା ସହ ଜନ ମାନସରେ ନିନ୍ଦିତ ହେଉଛନ୍ତି। ଏଭଳି ସାମ୍ବିଧାନିକ ଆଇନ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ଚିଠି ଲେଖିବା ନେଇ ନିଷ୍ପତ୍ତି ହୋଇଛି। ଏଥିରେ ବହୁ ସରପଞ୍ଚ ଯୋଗଦେଇଥିଲେ ।

## ସଂକ୍ଷେପରେ



### ଜଙ୍ଗଲରୁ ଅଚିହ୍ନା ବାଳକ ଉଦ୍ଧାର

**ଚନ୍ଦ୍ରପୁର, ୧୬।୧୨ (ଡି.ଏନ୍.ଏ.):** ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସରକାରୀ ଅନୁସୂଚିତ ଜନଜାତି ଉଚ୍ଚ ବିଦ୍ୟାଳୟ ପଛପଟ ଜଙ୍ଗଲରୁ ଜଣେ ଅଚିହ୍ନା ବାଳକ(୮)କୁ ରବିବାର ଗ୍ରାମବାସୀ ଉଦ୍ଧାର କରିଛନ୍ତି । ବାଳକଟି ଭଲ ଭାବେ କଥା କହିପାରୁ ନାହିଁ । ବାପା, ମା' ଏବଂ କେଉଁ ଗ୍ରାମର କିଛି କହି ପାରୁନାହିଁ । ତାକୁ ଗ୍ରାମବାସୀ ଖାଇବା ପିଇବା ଦେଇ ନିଜ ପାଖରେ ରଖିଛନ୍ତି। ସେ ଏକ ଗଛ ମୂଳରେ ଚାରି ପାର୍ଶ୍ୱରେ କଣ୍ଟାଡାଳ ଘୋଡ଼ଣି କରି ରହିଥିଲା । ୧୫/୨୦ ଦିନ ହେଲା ଭୋକ ଉପାସରେ ଲୁଚି ରହିଥିବା କିଛି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି ।

### ବଳାତ୍କାର ମାମଲାରେ ଜଣେ ଗିରଫ

**ଗୁଣପୁର,୧୬।୧୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଥାନା ଅଧୀନ ରାମନାଗୁଡା ବ୍ଲକ ଉକୁମ୍ବା ଗ୍ରାମ ଜାଗିଲିସାହିର ଜନୈକା ନାବାଳିକାଙ୍କୁ ବଳାତ୍କାର ମାମଲାରେ ପୋଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ସିଲା ସବାରାଜୁ(୨୮) । ସେ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ସବାରାଜୁଙ୍କୁ ଗିରଫ କରି ଡାକ୍ତରିମାଇନା ପାଇଁ ପଠାଇଛି । ସୋମବାର ଅଭିଯୁକ୍ତଙ୍କୁ ରାୟଗଡା କୋର୍ଟକୁ ଚାଲାଣ କରାଯିବ ବୋଲି ଆଇଆଇସି ରବୀନ୍ଦ୍ରକୁମାର ପାତ୍ର ସୂଚନା ଦେଇଛନ୍ତି । ସବାରାଜୁ ବିବାହିତ ଥିବାବେଳେ ତାଙ୍କର ଦୁଇଟି ଝିଅ ଅଛନ୍ତି ।

### ବାଜପେୟୀଙ୍କ ଜୟନ୍ତୀ ନେଇ ପ୍ରତିଯୋଗିତା

**ଗୁଣପୁର,୧୬।୧୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରଠାରେ ଅଟଳ ବିହାରୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରବିବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବାଜପେୟୀଙ୍କ ଜୟନ୍ତୀ ଲାଗି ସ୍ଥାନୀୟ ଯୁକ୍ତ ୨ ବିବେକାନନ୍ଦ ବିଜ୍ଞାନ ମହାବିଦ୍ୟାଳୟଠାରେ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ଏଥିରେ ସହରର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ । ବିଚାରକ ଭାବେ ଜଗନ୍ନାଥ ପଟ୍ଟନାୟକ, ଶେଷଶାୟୀ ସେନାପତି, ପ୍ରତାପ ରାୟ, ନୀଳମାଧବ ଦାସ, ଉଷାରାଣି ଚୌଧୁରୀ ଏବଂ ଡ.କୃଷ୍ଣ ପଣ୍ଡା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ । ଟ୍ରଷ୍ଟ ସଂଯୋଜକ ଚିନ୍ମୟୀ ପାଣିଗ୍ରାହୀଙ୍କ ସମେତ ସୂର୍ଯ୍ୟନାରାୟଣ ରଥ, ଅମ୍ବିକାରାଣୀ ମହାପାତ୍ର, ଡ. ପ୍ରଶାନ୍ତ ହୋତା, ଉମା ଦାସ, ଇନ୍ଦ୍ରାକ୍ଷୀ ଦାସ, ବି.ସତୀଶ କୁମାର, ପ୍ରମୋଦ ସାହୁ, ସୋମନାଥ ଗୌଡ, ବିଜ୍ଞାନ କଲେଜ ଅଧ୍ୟକ୍ଷ ଲକ୍ଷ୍ମୀ ମହାଙ୍କୁଡ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା



**କାଶୀପୁର,୧୬।୧୨(ଡ଼ି.ଏନ.ଏ):** ରାୟଗଡା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ମନୁଷ ଗାଁ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନତା କରିବା ଲାଗି ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେଦବର ପ୍ରଧାନ, ସରପଞ୍ଚ ଜୟ ମାଝି, ନିର୍ବାହୀ ଅଧିକାରୀ ଗଗନ ବିହାରି ପାଲକା, ସମିତି ସଭ୍ୟ ବିରାଜିନି ନାଏକ, ନାଏବ ସରପଞ୍ଚ ଉଲ୍ଲାର ନାଏକ,ଏପିଓ ମାରସେଲ ପ୍ରଧାନ, ସୁପରବାଇଜର ଜୟନ୍ତୀ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଷ୍ଟଲ କରାଯାଇ ଲୋକଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପିଠା ମୁଖ୍ୟ ଆକର୍ଷଣ ଥିଲା। ସେହିପରି କାଶୀପୁରରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଅଦିନିଆ ବର୍ଷା, ଚିନ୍ତାରେ ଚାଷୀ

**ଗୁଣପୁର,୧୬।୧୨(ଡି.ଏନ.ଏ)**

ସାମୁଦ୍ରିକ ଝଡ ପାଇଁ ରାୟଗଡା ଜିଲା ଗୁଣପୁର ଏବଂ ଏହାର ଆଖପାଖ ଅଞ୍ଚଳରେ କୋହଲା ପାଗ ସହ ଝିପିଝିପି ବର୍ଷା ହୋଇଛି । ଫଳରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ଧାନ ଅମଳ ହେବାକୁ ଥିବାବେଳେ ଅଦିନିଆ ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି । କେତେକ ସ୍ଥାନରେ ବିଲରେ ଧାନ କଟାଯାଉଥିବା ବେଳେ ଆଉ କେତେକଙ୍କ ଜମିରେ ଧାନ ରହିଛି । ଆଉ କେଉଁଠି ବିଲରେ ଏବେ ଧାନ ଅମଳ ହୋଇ ପଡିରହିଛି । ଏପରିସ୍ଥିତିରେ ସାମୁଦ୍ରିକ ଝଡ ଚାଷୀଙ୍କ ଦୁଃଖ ବଢାଇ ଦେଇଛି । ଆଗରୁ ତିତ୍‌ଲି ବର୍ତ୍ତମାନ ପେଥାଇ ଚାଷୀଙ୍କ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ବର୍ଷାକୁ ଦୃଷ୍ଟିରେ ରଖି କେତେକ ଚାଷୀ ବିଲରେ ଅମଳ ହୋଇ ରହିଥିବା ଧାନକୁ ଜରି ସାହାଯ୍ୟରେ ଘୋଡ଼ାଇଛନ୍ତି । ବର୍ଷାର ଦାଉ ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜୟନ୍ତୀ



**ମୁନିଗୁଡ଼ା,୧୬।୧୨(ଡି.ଏନ୍.ଏ.)**

ରାୟଗଡା ଜିଲା ମୁନିଗୁଡ଼ା ସତ୍‌ସଂଘ କେନ୍ଦ୍ର ତରଫରୁ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମୁନିଗୁଡ଼ା ସତ୍‌ସଂଘ କେନ୍ଦ୍ରର ଗୋପୀନାଥ ପାତ୍ର ଓ ତାପସ କୁମାର ସାମନ୍ତରାୟଙ୍କ ମିଳିତ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ଠାକୁରଙ୍କ ଫଟୋକୁ ଏକ ରଥରେ ରଖି ସହର ପରିକ୍ରମା କରିଥିଲେ । ପରେ ନଗର କୀର୍ତ୍ତନ କରାଇ ସତ୍‌ସଂଘ କେନ୍ଦ୍ରରେ ପହଞ୍ଚିଥିଲେ । ସେଠାରେ ଏକ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଅଲେଖଚନ୍ଦ୍ର ଚକ୍ର, ନରେନ୍ଦ୍ର ମହାରଣା, କପିଳେନ୍ଦ୍ର ମହାପାତ୍ର, ହରିହର ଯାଦବ ପ୍ରମୁଖ ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୀବନୀ ଉପରେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସତ୍‌ସଂଘର ସୁଦାମଚରଣ ପଣ୍ଡା, କେ. ରମେଶ ରାଜୁ, ପ୍ରମୋଦ ଖଣ୍ଡେଲୱାଲ, ଦାରୁବ୍ରହ୍ମ ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର ଦୋରା, ଜୟପ୍ରକାଶ ନାରାୟଣ ଭଞ୍ଜରାୟ, ନରେଶ ପାତ୍ର, ଜ୍ୟୋତିରାମ ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ କେ. କେଶବାରାଜୁ, ଶଙ୍କର୍ଷର ସାମଲ, ଗୌରାଙ୍ଗ ରାଉତ, ଚୈତନ୍ୟ ପ୍ରଧାନ, ପ୍ରମୋଦ ଦାସ, ନିକୁଞ୍ଜ ପ୍ରଧାନ, କୃଷ୍ଣ କୁମ୍ଭରୁକା ପ୍ରମୁଖ ଆଳତି ସହ ସାଂସ୍କୃତିକ କାର୍ଯ୍ୟକ୍ରମର ସହାୟତା କରିଥିଲେ ।







airtel

**ନିରପେକ୍ଷ ବିଜ୍ଞପ୍ତି**

**ଭାରତୀ ଏୟାରଟେଲ ଲିମିଟେଡ**

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 30 ଜୁନ୍, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ଡିସେମ୍ବର, 2018 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ଡିସେମ୍ବର, 2018 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ଡିସେମ୍ବର, 2018 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍‌ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ଡିସେମ୍ବର, 2018 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341703000001636ରୁ 1341708003225114 ।

ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର–751 024



